# Akashvani, Sambalpur

## SAMBALPURI NEWS EVENING BULLETIN

## 2 March 2026-7.02- 7.12 pm.

---

୧- ମହିଳାମାନ୍‌କର୍ ସଶକ୍ତିକରଣ୍ ସରକାର୍‌ଙ୍କର୍ ସହେତେ ସମାଜ୍‌ର ଭିଲ୍ ଦାୟିତ୍ୱ ଆଏ - କହେଲେ ରାଷ୍ଟ୍ରପତି ।

- ମହିଳା କୈନ୍ଦ୍ରିକ ୪ ଟା ଯୋଜ୍‌ନାର୍ କଲେ ଶୁଭାରମ୍ଭ ।

୨- ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ଅଲଙ୍କାର୍ ଗନ୍‌ତି ଲାଗି ଗଜପତି ମହାରାଜ୍‌ଙ୍କର୍ ଅଧ୍ୟକ୍ଷତାଥି ଚାଲିଛେ ବୈଠକ୍ ।

- ଚନ୍ଦ୍ରଗ୍ରହଣ୍ ଲାଗି ଆଏବା କାଏଲ୍ ଶ୍ରୀମନ୍ଦିର୍ ନ ହେବା ଖାସ୍ ନୀତିକାନ୍ତି ।

୩- ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ୍ ପରିଚାଳିତ୍ ମେଟ୍ରିକ୍ ପରୀକ୍ଷା ହେଲା ଶେଷ୍ ।

- ମେ ମାସର୍ ୨ ନମ୍ବର୍ ହପ୍ତା ଭିତ୍‌ରେ ବାହାର୍‌ବା ପରୀକ୍ଷା ଫଲ୍ ।

ଆଉର୍

୪- ଖରାକେ ନଜର୍‌ଥି ରଖ୍‌କରି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଜାରି ହେଲା ମାର୍ଗଦର୍ଶିକା ।

ରାଷ୍ଟ୍ରପତି -ସଶକ୍ତ ନାରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ମହିଳା ମାନ୍‌କର୍ ସଶକ୍ତିକରଣ୍ ଖାଲି ସର୍‌କାର୍‌ଙ୍କର୍ ଦାୟିତ୍ୱ ନୁହେଁ, ଇଟା ପୁରା ସମାଜ୍‌ର କର୍ତବ୍ୟ ଆଏ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀ ନ ଆଏଜ୍ ସଶକ୍ତ ନାରୀ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ରାଷ୍ଟ୍ରପତି କହିଛନ୍, ଭାରତ୍‌ର ଇତିହାସ୍‌ଥି ମହିଳାମାନ୍‌କର୍ ସାହସ୍, ବୀରତା, ତ୍ୟାଗ ଆଉ ସମର୍ପଣ୍‌ର ବହୁତ୍ କଥା ଆଉ ଗାଥା ରହିଛେ । ରାଣୀ ଲକ୍ଷ୍ମୀ ବାଇ ମା ଅହଲ୍ୟା ବାଇ, ସାବିତ୍ରୀ ବାଇ ଫୁଲେ, ସରୋଜୀନୀ ନାଇଡୁଙ୍କର୍ ବାଗିର୍ ମହୀୟସୀ ମହିଳାମାନେ ନିଜର୍ ଅଦବ୍ୟ ସାହସ୍ ଆଉ ସମାଜ୍ ଲାଗି ତାଙ୍କର୍ ବଳିଦାନ୍ ସବୁଦିନ୍ ସୁର୍‌ତା ହେଇ ରହେବେ । ମହିଳାମାନେ ସୈନିକ୍ ଭାବେ ଦେଶର୍ ସୁରକ୍ଷା କରୁଛନ୍ । ବୈଜ୍ଞାନିକ୍ ହେଇକରି ନୂଆଁ ଉଦ୍ଭାବନ୍ କର୍‌ବାର୍ ସହେତେ ରାଜନୀତି, ସମାଜ୍‌ସେବା, ପ୍ରଶାସନ୍ ଫି’ କ୍ଷେତ୍ରଥି ବଡ଼ ଭୂମିକା ନଉଛନ୍ । ମହିଳାମାନେ ସଶକ୍ତ ହେଲେ ଯାଇକରି ଦେଶ୍

ସମୃଦ୍ଧ ହେବା ଆଉ ପ୍ରକୃତ୍ ଭାବେ ମହିଳା ସଶକ୍ତିକରଣ୍ ହେଇପାର୍‌ବା ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

ଇ ଅବ୍‌ସରେ ରାଷ୍ଟ୍ରପତି ଲକ୍ଷପତି, ବେଟି ଯୋଜ୍‌ନା, ହୋଲି ଆଉ ଦିଆଲି ଲାଗି ମାହାଲିଆ ଗେସ୍ ସିଲିଣ୍ଡର୍, ସହେଲି ପିଙ୍କ ସ୍ମାର୍ଟକାର୍ଡ଼ ଯୋଜ୍‌ନା ଆର୍ ମେରି ପୁଞ୍ଜି ମେରା ଅଧିକାର୍ ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବାର୍ ସହେତେ ମହିଳାମାନ୍‌କର୍ ବିକାଶ୍ ଆଉ ନେତୃତ୍ୱ ଲାଗି କେନ୍ଦ୍ର ସର୍‌କାର୍ ନଉଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ କହିଛନ୍ ।

ମୁଖ୍ୟମନ୍ତ୍ରୀ-ବିଜେପି ବୈଠକ୍        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ତାଙ୍କର୍ ଆବାସିକ୍ କାର୍ଯ୍ୟାଲୟ ନ ଆଏଜ୍ ବିଜେପି ବିଧାୟକ୍‌ଙ୍କର୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ୪ ଟା ରାଜ୍ୟସଭା ଆସନ୍‌କେ ନେଇକରି ହେବାର୍‌କେ ଥିବା ନିର୍ବାଚନ୍, ସର୍‌କାର୍ ଆଉ ସଂଗଠନ୍‌ର ତାଲ୍‌ମେଲ୍ ବାବ୍‌ଦେ ଆଲୋଚନା କରାଯାଇଥିବାର୍ ଜନାପଡ଼ିଛେ । ଇଥି ରାଜ୍ୟ

ବିଜେପି ସଭାପତି ମନ୍‌ମୋହନ୍ ସାମଲ୍, ସଂଗଠନ୍ ସମ୍ପାଦକ ମାନସ ମହାନ୍ତିଙ୍କର୍ ସହେତେ ମନ୍ତ୍ରୀମଣ୍ଡଲ୍‌ର ବହୁତ୍ ସଦସ୍ୟ ଯୋଗ୍ ଦେଇଥିଲେ । ରାଜ୍ୟସଭା ନିର୍ବାଚନ୍ ଲାଗି ବିଜେପି ତର୍‌ଫୁ ୧୬ ଟା ସେଟ୍ ମନୋନୟନ୍ ଫର୍ମ ନିଆଯାଇଛେ । ସେଆଡ଼େ ରାଜ୍ୟସଭା ନିର୍ବାଚନ୍‌କେ ନେଇକରି କଂଗ୍ରେସ୍‌ର ଭିଲ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଥିବାର୍ ଜନାପଡ଼ିଛେ ।

ମହାନଦୀ ଜଳ ବିବାଦ          ପୁରୀ ସମ୍ବାଦଦାତା

କ୍ଷେତ୍ର ପରିଦର୍ଶନ୍ ଲାଗି ଓଡ଼ିଶା ଗସ୍ତଥି ଆସିଥିବା ମହାନଦୀ ଜଲ୍ ବିବାଦ୍ ପ୍ରାଧିକରଣ୍‌ର ସଦସ୍ୟମାନେ ଆଏଜ୍ ଚିଲିକା ଗସ୍ତ କରିଛନ୍ । ପ୍ରାଧିକରଣ୍ ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କର୍ ଅଧ୍ୟକ୍ଷତାଥି ଆସିଥିବା ସଦସ୍ୟମାନେ ଚିଲିକା ସାତପଡ଼ା ନ ଥିତିର୍ ଅନୁଧ୍ୟାନ୍ କରିଥିଲେ । ଆଏବା ୭ ତାରିଖ୍‌ନୁ ୧୧ ତାରିଖ୍‌ତକ୍ ପ୍ରାଧିକରଣ୍ ଦଲ୍ ଛତିଶ୍‌ଗଡ଼୍‌ର ଭିନ୍ ଭିନ୍ ଜାଗା ନ ଥିତି ଅନୁଧ୍ୟାନ୍ କର୍‌ବେ ।

ଶ୍ରୀମନ୍ଦିର୍ ପରିଚାଳନା କମିଟି ବୈଠକ          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ପରିସର୍ ନ ଗଜପତି ମହାରାଜ୍ ଦିବ୍ୟସିଂହ ଦେବଙ୍କର୍ ଅଧ୍ୟକ୍ଷତାଥି ଶ୍ରୀମନ୍ଦିର୍ ପରିଚାଳନା କମିଟିର୍ ଜରୁରୀ ବୈଠକ୍ ଚାଲିଛେ । ବୈଠକ୍‌ଥି ରତ୍ନଭଣ୍ଡାର୍ ର ଅଲଙ୍କାର୍‌ର ଗନ୍‌ତିମନ୍‌ତି ଲାଗି ମାହେନ୍ଦ୍ରବେଳା ଧାରିଜ୍ କରାଯିବା । ଗନ୍‌ତିମନ୍‌ତି ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଅନୁମୋଦିତ ଏସ୍‌ଓପିକେ ପରିଚାଳନା କମିଟି ଅନୁମୋଦନ୍ କର୍‌ବା ବଲି ଆମର୍ ସମ୍ବାଦଦାତା ସୂଚ୍‌ନା ଦେଇଛନ୍ । ବୈଠକ୍‌ଥି ରାଜ୍ୟ ମୁଖ୍ୟ ଶାସନ୍ ସଚିବ ଆଉ କାର୍ଯ୍ୟକାରୀ ସଭାପତି ଅନୁ ଗର୍ଗ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍‌ଙ୍କର୍ ସହେତେ କମିଟିର୍ ସଦସ୍ୟମାନେ ଉପସ୍ଥିତ୍ ଅଛନ୍ ।

ଚନ୍ଦ୍ରଗ୍ରହଣ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା କାଏଲ୍ ବର୍ଷର୍ ପହେଲା ଚନ୍ଦ୍ରଗ୍ରହଣ୍ ହେବା । ଇଥର ଚନ୍ଦ୍ର କେତୁଗ୍ରସ୍ତ ହେବେ । ଗ୍ରହଣ୍ ସମିଆ ସଖାଳର୍ ୬ ବାଜିକରି

୨୦ ମିନିଟ୍‌ନୁ ସଞ୍ଜ୍‌ବେଲର୍ ୬ ବାଜିକରି ୪୭ ମିନିଟ୍‌ତକ୍ ରହେବା । ଇ ସମିଆ ଭିତ୍‌ରେ ପାକନୀତି ଆଉ ଦେବନୀତି ନିଷିଦ୍ଧ ରହିଛେ । ଦିନର୍ ୩ ବାଜିକରି ୨୦ ମିନିଟ୍‌ଥି ଗ୍ରହଣ୍ ଲାଗ୍‌ବା । ୫ ବାଜିକରି ୪ ମିନିଟ୍‌ଥି ମଧ୍ୟଗ୍ରହଣ ଆଉ ଆଉ ୬ ବାଜିକରି ୪୭ ମିନିଟ୍‌ଥି ଗ୍ରହଣ ସର୍ବମୋକ୍ଷ ହେବା ।

ଚନ୍ଦ୍ରଗ୍ରହଣ୍‌କେ ନଜର୍‌ଥି ରଖିକରି ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ସ୍ୱତନ୍ତ୍ର ନୀତିକାନ୍ତି ହେବା । ସମ୍ବଲ୍‌ପୁର୍ ସମଲେଇ ମନ୍ଦିର୍ ନ ଭିଲ୍ ନୀତିକାନ୍ତିଥି ପରିବର୍ତନ୍ କରାଯାଇକରି ମା'ଙ୍କର୍ ସର୍ବସାଧାରଣ ଦର୍ଶନ୍ ବନ୍ଦ ରଖାଯାଇଛେ ।

ପୁରୀଶ୍ରୀମନ୍ଦିର- ଦୋଳପୂର୍ଣ୍ଣିମା ପୁରୀ/ ନୂଆପଡ଼ା ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ଦୋଳପୂର୍ଣ୍ଣିମା ହେବାରକେ ଥିବାର୍ ବେଲେ ପରମ୍ପରା ଅନ୍‌ସାରେ ଆଏଜ୍ ସଞ୍ଜ୍‌ବେଲା ମାହାପୁରୁମାନ୍‌କର୍ ମେଣ୍ଡାପୋଡ଼ି ନୀତି କରାଯାଇଛେ । ଶ୍ରୀମନ୍ଦିର୍ ନ ମଧ୍ୟାହ୍ନ ଧୂପନୀତି ସର୍‌ବାର୍ ଉତ୍‌ରୁ ଆଜ୍ଞାମାଳ

ପାଇକରି ମାହାପୁରୁଙ୍କର୍ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ, ଦୋଳବେଦୀକେ ବିଜେ କରିଥିଲେ । ସେନ ସ୍ୱତନ୍ତ୍ର ପୂଜା ଉତ୍ରୁ ମେଣ୍ଢାପୋଡ଼ି ନୀତି କରାଯାଇଥିଲା । ହୋଲିକା ରାକ୍ଷସୀକେ ପୁଡ଼ାବାର୍ ପ୍ରତିଫଳନ୍ ଭାବେ ଇ ନୀତି କରାଯାଏସି ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ରାଜା ଆର୍ତତ୍ରାଣ ହାଇସ୍କୁଲ୍ ପଡ଼ିଆ ନ ଭିଲ୍ ଆଏଜ୍ ଅଧ୍ରାତି ହୋଲିକା ଦହନ୍ ହେବା । ରାତି ୨ ବାଜିକରି ୫୦ ମିନିଟ୍ ବେଲ୍କେ ମହିଳାମାନେ ପୂଜା କଲା ଉତ୍ରୁ ଉତ୍ସବ୍ ପାଳନ୍ କରାଯିବା । ଇ ଅବ୍ସରେ ମହିଳାମାନେ ନିଜର୍ ପୁଓ ମାନ୍କର୍ ଦୀର୍ଘାୟୁ ଆଉ ସମୃଦ୍ଧି ଲାଗି ପ୍ରାର୍ଥନା କର୍ସନ୍ ।

ମେଟ୍ରିକ୍ ପରୀକ୍ଷା ଫଲ୍ ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ ପରିଚାଳିତ୍ ମେଟ୍ରିକ୍ ପରୀକ୍ଷା ଆଏଜ୍ ଶେଷ୍ ହେଇଛେ । ଆଏବା ମେ ମାସର୍ ୨ ନମ୍ବର୍ ହପ୍ତା ଭିତ୍ରେ ପରୀକ୍ଷା ଫଲ୍ ବାହାର୍ବା ବଲି ବୋର୍ଡ଼ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ । ପରୀକ୍ଷା ସର୍ଲା ଉତ୍ରୁ ପହେଲା ଖେପେ

ଓଏମ୍ଆର୍ ଖାତାଦେଖା ମୁଲ୍ ହେଇଛେ । ଆଏବା ୧୯ ତାରିଖ୍ନୁ ସବ୍ଜେକ୍ଟିଭ୍ ଖାତା ଦେଖା ମୁଲ୍ ହେବା । ଇ ବଛର୍ ଇଥିର୍ଲାଗି ୫୫ ଟା ମୂଲ୍ୟାୟନ୍ କେନ୍ଦ୍ର ନ ୧୫ ହଜାର୍ ଶିକ୍ଷକ୍ ଖାତାଦେଖା କାମ୍ଥି ନିୟୋଜିତ୍ ଅଛନ୍ ବଲି ଶ୍ରୀ ତରାଇ କହିଛନ୍ ।
(ଭଏସ୍ ଓଭର- ଶ୍ରୀକାନ୍ତ ତରାଇ)

ଅଂଶୁଘାତ୍ ମୁକାବିଲା ଏକ୍ସ

ରାଏଜେ ଦିନ୍କେ ଦିନ୍ ତାପମାତ୍ରା ବଢ଼୍ବାର୍କେ ଲାଗିଛେ । ଇଟାକେ ନଜର୍ଥି ରଖିକରି ଅଂଶୁଘାତ୍ ମୁକାବିଲା ଲାଗି ସର୍କାର୍ ତୟାର୍ ଅଛନ୍ ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଇଥିର୍ଲାଗି ଫି' ଡାକ୍ତର୍ଖାନା ନ ଖାସ୍ କକ୍ଷ ବ୍ୟବସ୍ଥା କରାଯିବାର୍ ସହେତେ ଭର୍ପୁର୍ ଉଷୋକଷା ରଖାଯାଇଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ଶିକ୍ଷାନୁଷ୍ଠାନ୍ - ଗ୍ରୀଷ୍ମ ମାର୍ଗଦର୍ଶିକା ହି.ସ.

ଖରାକେ ନଜର୍‌ଥି ରଖିକରି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସବୁ ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟ ଲାଗି ମାର୍ଗଦର୍ଶିକା ଜାରି କରାଯାଇଛେ । ମାର୍ଗଦର୍ଶିକା ଅନ୍‌ସାରେ ଇଂଟର୍‌ନାଲ୍ ପରୀକ୍ଷା ଆଉ କ୍ଲାସ୍ ମାନ୍‌କୁ ସକାଲ୍‌ବେଲା କରାଯିବା । ଉପର୍‌ବେଲା କେନ୍‌ସି ବାହାରିଆ କାମ୍ ଭିଲ୍ ନାଇଁ କରାଯାଏ ବଲି ମାର୍ଗଦର୍ଶିକାଥି କୁହାଯାଇଛେ । ଶିକ୍ଷାନୁଷ୍ଠାନ୍ ମାନ୍‌କେ ଦର୍‌କାର୍ ଅନ୍‌ସାରେ ଓଆର୍‌ଏସ୍ ଆଉ ପିଇବାର୍ ପାଏନ୍ ମହଜୁଦ୍ ରଖାଯିବା । ଇତାର୍‌ସଙ୍ଗେ ଜରୁରୀକାଲୀନ୍ ପରିସ୍ଥିତିକେ ଗମ୍ଭୀରତାର୍ ସହେତେ ପରିଚାଲନା କର୍‌ବାର୍‌କେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଉପମୁଖ୍ୟମନ୍ତ୍ରୀ-ପଟ୍ଟା ବଂଟନ୍          ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ପାଟ୍‌ନାଗଡ଼୍ ହରିଶଙ୍କର୍ ସମ୍ମିଲନୀ କକ୍ଷ ନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ବସୁନ୍ଧରା ଯୋଜ୍‌ନାଥି ଭୂମିହୀନ ମାନ୍‌କୁ ଜମି ପଟ୍ଟା ବାଂଟିଛନ୍ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍, ରାଏଜେ ସବୁ

ଭୂମିହୀନଙ୍କୁ ପଟ୍ଟା ଯୁଗେଇ ଦେବାର୍‌କେ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ । ପାଟ୍‌ନାଗଡ଼୍ ତହସିଲ୍ ଇଲାକା ନ ୨ ଶହ ୭୩ ଝନ୍ ଭୂମିହୀନ ହିତାଧିକାରୀଙ୍କୁ ଚିହ୍ନଟ୍ କରାଯାଇଛେ । ପହେଲା ଖେପ୍‌ଥି ୭୦ ଝନ୍‌କୁ ପଟ୍ଟା ବଂଟାଯାଇଥିଲା ଆଉ ୨ ନମ୍ବର୍ ଖେପେ ଶହେ ୨୯ ଝନ୍‌କୁ ଆଏଜ୍ ପଟ୍ଟା ବଂଟାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ । ଖୋବ୍ ଜଲ୍‌ଦି ଆହୁରି ହିତାଧିକାରୀମାନ୍‌କୁ ପଟ୍ଟା ଦିଆଯିବା ବଲି ସେ କହିଛନ୍ ।

ଦେବ୍‌ଗଡ଼୍ - ଟୀକାକରଣ୍       ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ଆଏଜ୍ ଟୁକେଲ୍‌ମାନ୍‌କୁ ଏଚ୍‌ପିଭି ଟୀକା ଦିଆଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇକରି ଭବିଷ୍ୟତ୍‌ଥି ଜରାୟୁ କର୍କଟ ରୋଗ ଦୂର୍ କର୍‌ବାର୍ ଲାଗି ୧୪ ବଛର୍‌ନୁ କମ୍ ବୟସର୍ ଟୁକେଲ୍‌ମାନେ ଇ ଟୀକା ନେବାର୍ ଜରୁରୀ ଆଏ ବଲି କହିଛନ୍ ।

ଏଚ୍‌ପିଭି ଟୀକା-ନୂଆପଡ଼ା         ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ନ ଆଏଜ୍ ଟୁକେଲ୍‌ମାନ୍‌କୁ ଜରାୟୁ କର୍କଟ ନିରୋଧୀ ଏଚ୍‌ପିଭି ଟୀକା ଦିଆଯାଇଛେ । ଖଡ଼ିଆଲ୍ ଡାକ୍ତର୍‌ଖାନା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ରଞ୍ଜିତ୍ କୁମାର୍ ରାଉତ୍‌ଙ୍କର୍ ନେତୃତ୍ୱଥି ହେଇଥିବା ଟୀକାକରଣ୍ କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟକର୍ମୀ, ଆଶା, ଏଏନ୍‌ଏମ୍ ମାନେ ଉପସ୍ଥିତ୍ ଥିଲେ ।

ନୂଆପଡ଼ା -ଏନ୍‌ଏସି ନୂଆଁ କାର୍ଯ୍ୟାଳୟ   ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ବିଜ୍ଞପିତ ଅଂଚଳ ପରିଷଦର ନୂଆଁ କାର୍ଯ୍ୟାଳୟ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ୩ କୋଟିନୁ ଅଏତ୍‌କା ଟଙ୍କାର୍ ଅର୍ଥମଞ୍ଜୁର୍ କରାଯାଇଛେ । ଇ କାର୍ଯ୍ୟାଳୟ ସହରାଂଚଲ୍ ଆଉ ଅତ୍ୟାଧୁନିକ୍ ବ୍ୟବସ୍ଥା ସହେତେ ତିଆର୍ କରାଯିବା । କାର୍ଯ୍ୟାଳୟ ପରିସର୍ ନ ଫୁଟ୍ ପାର୍କ, ଅତ୍ୟାଧୁନିକ୍ ସମ୍ମିଲନୀ କକ୍ଷ ଆଉ ସବୁ ଆନୁଷ୍ଠାନିକ ବ୍ୟବସ୍ଥା କର୍‌ବାର୍‌କେ ଗୁଟେ ମାଷ୍ଟର୍ ପ୍ଲାନ୍ ତିଆର୍ କରାଯାଇଛେ ।

## ରାଷ୍ଟ୍ରୀୟ ଲୋକ୍ ଅଦାଲତ୍       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଆଏବା ୧୪ ତାରିଖ୍ ଦିନ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେବା । ଜିଲ୍ଲା ଅଦାଲତ୍ ସହେତେ କୋମ୍‌ନା, ଖଡ଼ିଆଲ୍, ସିନାପାଲି ଆଉ ବୋଡ଼େନ୍ ଅଦାଲତ୍ ନ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ଆୟୋଜନ୍ କରାଯିବା । ଇଥି ହର୍‌ରକ୍‌ମର୍ ବିଚାରାଧୀନ୍ ମକ୍‌ଦ୍ଦମାର୍ ଶୁଣାଣି କରାଯାଇପାର୍‌ବା ।

## ଜଙ୍ଗଲ୍ ନିଆଁ ସଚେତନତା       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପୁରୁଣାକଟକ୍ ରେଞ୍ଜ୍‌ର ଭିନ୍ ଭିନ୍ ଗାଁ ନ ଆଏଜ୍ ଜଙ୍ଗଲ୍ ବିଭାଗ୍ ତର୍‌ଫୁ ଜଙ୍ଗଲ୍ ନିଆଁ ଆଏତ୍ କର୍‌ବାର୍ ଲାଗି ସଚେତନତା କାର୍ଯ୍ୟକ୍ରମ୍‌ମାନ୍ ହେଇଯାଇଛେ । ଜଙ୍ଗଲ୍ ନ ନିଆଁ ଲାଗ୍‌ଲେ କେନ୍ତାକରି ତୁର୍‌ତି ତାହାକେ ଆଏତ୍ କରାଯାଇପାର୍‌ବା, ସେ ବାବ୍‌ଦେ ଲୁକ୍‌କୁ ସଚେତନ୍ କରିକରି ବାଟ୍ ବତେଇଥିଲେ ।

ଆତ୍ମରକ୍ଷା ତାଲିମ୍ ଶିବିର      ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନ ଛାତ୍ରୀମାନ୍କର୍ ଲାଗି ଆତ୍ମରକ୍ଷା ତାଲିମ୍ ଶିବିର୍ ହେଇଯାଇଛେ । ମହାବିଦ୍ୟାଳୟର୍ ଅଧ୍ୟକ୍ଷ ରବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଶିବିର୍ଥି ସୁଶ୍ରୀ ସ୍ୱାଗତିକା ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଛାତ୍ରୀମାନ୍କୁ ଆତ୍ମରକ୍ଷା କୌଶଲ୍ ଶିଖେଇଥିଲେ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ପାଗ୍ ଶୁଖା ରହେବା । ଆଏବା ୫ ଦିନ୍ତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ କରାଯାଇଛେ । ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏଜ୍ ଭିଲ୍ ଦିନର୍ ତାପମାତ୍ରା ୩୨ ଡିଗ୍ରୀ ଉପ୍ରେ ରହିଥିଲା ।